ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1205/09-11-2023**

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅବସରରେ

# ରାଜ୍ୟସ୍ତରୀୟ ମିଲେଟ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୦୯/୧୧/୨୦୨୩

ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅବସରରେ ପ୍ରଥମ ଦିବସରେ ଆଜି ରାଜ୍ୟସ୍ତରୀୟ ମିଲେଟ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସମବେତ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଏହି ଦୁଇଟି ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ପାଳନ ହେଉଥିବା ପରିପ୍ରେକ୍ଷୀରେ ଆୟୋଜିତ ପ୍ରତିଯୋଗିତା ଦୁଇଟିର ପ୍ରସଙ୍ଗ ଥିଲା 'ମିଲେଟ: ଆଧୁନିକ ଆହ୍ୱାନ ପାଇଁ ପୁରାତନ ଶସ୍ୟ' ।

ଓଡ଼ିଶା ବିଦ୍ୟାଳୟ ଓ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓସେପା)ଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତା ଦୁଇଟିରେ ପୂର୍ବରୁ ଅନୁଷ୍ଠିତ 'ଜିଲ୍ଲାସ୍ତରୀୟ ସୁରଭି' ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରଫେସର ଅମରେଶ ଖୁଣ୍ଟିଆ (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ), ଡ. ସୁସ୍ମିତା ବେହେରା (ଆସୋସିଏଟ୍ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ) ଓ ଶ୍ରୀ ବିଷ୍ଣୁଚରଣ ସୁତାର (ଯୁଗ୍ମ ନିର୍ଦ୍ଦେଶକ, ଓସେପା) ବିଚାରକ ମଣ୍ଡଳୀର ସଦସ୍ୟ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଲେଟର ପୁଷ୍ଟି ନିରାପତ୍ତା ନେଇ ଅଧିକ ସଚେତନତା ସୃଷ୍ଟି କରିବା ଥିଲା ଏପରି ପ୍ରତିଯୋଗିତାର ଆଭିମୁଖ୍ୟ ।

ବିଚାରକବୃନ୍ଦ ଆନ୍ତର୍ଜାତିକ ପୁଷ୍ଟିଶସ୍ୟ ବର୍ଷ ପାଳନର ପୃଷ୍ଠଭୂମି, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ପ୍ରତିଯୋଗୀମାନଙ୍କୁ ଅବଗତ କରାଇଥିବାବେଳେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନେ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ମାଧ୍ୟମରେ ପୁଷ୍ଟିଶସ୍ୟର ଗୁରୁତ୍ୱ ଓ ବ୍ୟବହାର ନେଇ ସଚେତନ ହୋଇଥିଲେ । ଆମର ଦୈନନ୍ଦିନ ଖାଦ୍ୟ ସଂସ୍କୃତିରେ ପୁଷ୍ଟିଶସ୍ୟକୁ ନିଶ୍ଚିତ ଅନ୍ତର୍ଭୁକ୍ତ କରିବା ନେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରାଯାଇଥିଲା ।

ତନୁଜା ମହାନ୍ତି
ସୂଚନା ଅଧିକାରୀ